# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଅଧ୍ୟୟନ

ବେଦ ଓ ପୁରାଣସବୁ ଅଧ୍ୟୟନ ଓ ଶ୍ରବଣ କରିବା ଉଚିତ; ଈଶ୍ୱରଙ୍କ ନାମ କୀର୍ତ୍ତନ ଓ ଶ୍ରବଣ କରିବା ଦରକାର । କେତେକ ରୋଗ ପାଇଁ ଔଷଧକୁ ବାହାରେ ପ୍ରୟୋଗ କରାଯାଏ, ମାତ୍ର ଆଉ କେତେକ ରୋଗ ନିମନ୍ତେ ଔଷଧ ଖାଇବାକୁ ପଡ଼େ । ମାତ୍ର ଜନ୍ମ-ମୃତ୍ୟୁର ଏ ସର୍ବବ୍ୟାପୀ ଭବରୋଗ ନିବାରଣ କରିବାକୁ ଉଭୟ ବାହ୍ୟପ୍ରୟୋଗ ଓ ଅନ୍ତଃପ୍ରୟୋଗ ଭାବରେ ଶ୍ରବଣ, କୀର୍ତ୍ତନ, ମନନ ଓ ଅନ୍ୟାନ୍ୟ ଔଷଧ ସେବନ କରିବାକୁ ହେବ । ଜଣେ ମୁମୁକ୍ଷୁ ଈଶ୍ୱରଙ୍କ ଅନୁଗ୍ରହ, ଗୁରୁକୃପା ଓ ଭକ୍ତମାନଙ୍କର କରୁଣା ପାଇପାରେ, ମାତ୍ର ସେ ଯଦି ନିଜ ଅନ୍ତଃକରଣର ଅନୁଗ୍ରହ ନପାଏ, ତେବେ ଅନ୍ୟ ସମସ୍ତ ଅନୁଗ୍ରହ ବୃଥା ହୋଇଯିବ । ଏହା ବିନା ସେ ଅବଶ୍ୟ ଧ୍ୱଂସାଭିମୁଖୀ ହେବ, କାରଣ ଅନ୍ୟ ସବୁରେ କିଛି ମୂଲ୍ୟ ରହିବ ନାହିଁ ।

ଭଗବାନଙ୍କ ଅନୁଗ୍ରହ ସହଜରେ ମିଳେ ନାହିଁ, ସେଥିପାଇଁ ପ୍ରଥମେ ହୃଦୟରୁ ଅହଙ୍କାରକୁ ବା 'ମୁଁ କର୍ତ୍ତା' ଏଇ ଭାବକୁ ସମୂଳେ ଉପାଡ଼ି ବାହାର କରିନେବାକୁ ହେବ । ନିରକ୍ଷର ହୁଅ ବା ପଣ୍ଡିତ ହୁଅ, ପ୍ରତ୍ୟେକଙ୍କୁ ଭଗବାନଙ୍କୁ ଜାଣିବାର ଅଦମ୍ୟ ଆକୁତି ପୋଷଣ କରିବାକୁ ହେବ । ଭଗବାନ ତାଙ୍କର ସକଳ ସନ୍ତାନ ପ୍ରତି ସମାନ ଭାବରେ ସ୍ନେହଶୀଳ, କାରଣ ସମସ୍ତଙ୍କୁ ସମାନ ଭାବରେ ଆଲୋକିତ କରିବା ତ ଆଲୋକର ଧର୍ମ । ଏଇ ଆଲୋକ ସାହାଯ୍ୟରେ କେତେକ ଲୋକ ଉତ୍ତମ ପୁସ୍ତକ ଅଧ୍ୟୟନ କରନ୍ତି ଏବଂ ଆଉ କେତେକ ସେମାନଙ୍କ ପ୍ରତିଦିନର କର୍ତ୍ତବ୍ୟ ସମ୍ପାଦନ କରିପାରନ୍ତି । ସେହିପରି ଭଗବାନଙ୍କ ନାମ ଉଚ୍ଚାରଣ କରି କେହି ଭଗବତ୍ ଉପଲବ୍ଧି ପଥରେ ଅଗ୍ରସର ହୋଇପାରେ ତ ଅନ୍ୟ କେହି ଖରାପ କାମ ମଧ୍ୟ କରିପାରେ । ଏସବୁ ନିର୍ଭର

Scanned by TapScanner

କରେ ଆଲୋକର ବ୍ୟବହାର ଉପରେ । ମାତ୍ର ତୁମ କର୍ମଦ୍ୱାରା ଈଶ୍ୱରଙ୍କ ନାମ କଳଙ୍କିତ ହୋଇପାରେନା - ଏହା ଚିରଦିନ ଅକଳଙ୍କ, ନିର୍ମଳ ଓ ଶୁଦ୍ଧ ।

Scanned by TapScanner